# Akashvani, Sambalpur

## SAMBALPURI NEWS BULLETIN

### 20 June 2024- 6.47- 6.52 am.

*********************************************

କେବିନେଟ୍ ବୈଠକ୍-ଧାନ୍ ଏମ୍ଏସ୍‌ପି ଆର୍ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସରକାର୍ ୨୦୨୪-୨୫ ବିପଣନ ଋତୁ ଲାଗି ୧୪ ଟା ଖରିଫ୍ ଶସ୍ୟମାନ୍‌କର୍ ସର୍ବନିମ୍ନ ସହାୟକ ଦର - ଏମ୍ଏସ୍‌ପି କେ ବଢ଼େଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବସିଥିବା କେବିନେଟ୍ ବୈଠକ୍‌ଥି ଇ ବାବ୍‌ଦେ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ସୂଚ୍‌ନା ଅନ୍‌ସାରେ ସାଧାରଣ କିସମ୍ ଧାନ୍‌ର କ୍ୱିଂଟାଲ୍ ପିଛା ଏମ୍ଏସ୍‌ପିକେ ଶହେ ୧୭ ଟଙ୍କା ବଢ଼ାଯାଇକରି ୨୩ ଶହ ଟଙ୍କା କରାଯାଇଛେ । ଯେନ୍‌ଟାକି ୨୦୨୩-୨୪ ମସିହାଥି ୨ ହଜାର୍ ଶହେ ୮୩ ଟଙ୍କା ଥିଲା । ସେନ୍ତା ଗ୍ରେଡ୍ -ଏ ଧାନ୍ କ୍ୱିଂଟାଲ୍ ପିଛା ଶହେ ୧୭ ଟଙ୍କା ବଢ଼ାଯାଇକରି ୨ ହଜାର୍ ୩ ଶହ ୨୦ ଟଙ୍କା କରାଯାଇଛେ । ସେନ୍ତା ତୈଲବୀଜ ଆର୍ ଡାଏଲ୍ କ୍ଷେତ୍ରଥି ଏମ୍ଏସ୍‌ପିଥି ସବୁଠାନୁ

ଅଏତ୍କା ବଢ଼ିଥିବା ଦେଖିବାର୍କେ ମିଲିଛେ । ରାହାଡ଼ି ଡାଲି କ୍ୱିଂଟାଲ୍ ପିଛା ୫ ଶହ ୫୦ ଟଙ୍କା ବଢ଼ିକରି ୭ ହଜାର୍ ୫ ଶହ ୫୦ ଟଙ୍କା ହେଇଛେ ।

ବାଚସ୍ପତି ନିର୍ବାଚନ ଆର୍ଏନ୍ୟୁ/ ସମ୍ବଲପୁର

୧୭ ନମ୍ବର୍ ବିଧାନ୍ସଭାର୍ ନୂଆଁ ବାଚସ୍ପତି ଆଏଜ୍ ଘୋଷ୍ନା କରାଯିବା । ବାଚସ୍ପତି ପଦ୍ ଲାଗି ରଣପୁର୍ ବିଧାୟିକା ସୁରମା ପାଢ଼ୀ ଗଲାକାଏଲ୍ ପ୍ରାର୍ଥୀପତ୍ର ଦାଖଲ୍ କରିଥିଲେ । ବିଧାନ୍ସଭାଥି ବିଜେପିର୍ ଆବଶ୍ୟକ ସଂଖ୍ୟକ ସଦସ୍ୟ ଥିବାର୍ନୁ ଶ୍ରୀମତୀ ପାଢ଼ୀ ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେବେ ବଲି ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ବିଜେପି ବିଧାୟକ୍ ଦଲ୍ ବୈଠକ୍ଥି ସର୍ବସମ୍ମତିକ୍ରମେ ବାଚସ୍ପତି ପଦ୍ ଲାଗି ଶ୍ରୀମତୀ ପାଢ଼ୀଙ୍କୁ ମନୋନୀତ୍ କରାଯାଇଥିଲା । ଶ୍ରୀମତୀ ପାଢ଼ୀ ୨୦୦୪ ନୁ ୨୦୦୯ ମସିହାତକ୍ ବିଜେଡ଼ି- ବିଜେପି ମେଂଟ ସର୍କାର୍ଥି ମନ୍ତ୍ରୀ ଥିଲେ ।

ମୁଖ୍ୟମନ୍ତ୍ରୀ- ବଜେଟ୍ ମତାମତ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ୍ କର୍‌ବାର୍ ଆଘୋନୁ ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ପ୍ରତିନିଧି ମାନ୍‌କର୍ ମତ ମାଗିଛନ୍ । ଅର୍ଥ ବିଭାଗ୍‌ର ଗୁଟେ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍- http://budget.odisha.gov.in, ଇ-ମେଲ୍ odisha.budget@gov.in, ହ୍ୱାଟ୍‌ସ୍‌ଅପ୍ ନମ୍ବର୍ ୯୪୩୮-୧୬-୧୧୧୧ ଆର୍ ଏସ୍‌ଏମ୍‌ଏସ୍ ଜରିଏ ମତାମତ ଦେବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ଅର୍ଥମନ୍ତ୍ରଣାଳୟର୍ ସବୁ ସାମାଜିକ ଗଣମାଧ୍ୟମ୍‌ଥି ଲୋକ୍‌ମାନେ ସେମାନ୍‌କର୍ ମତ ପଠେଇପାର୍‌ବେ । ଆଏଜ୍‌ଠାନୁ ଜୁଲାଇ ୫ ତାରିଖ୍‌ତକ୍ ମତାମତ ନିଆଯିବା ବଲି ସୂଚ୍‌ନା ମିଳିଛେ ।

ଯୋଗଦିବସ୍ ପାଲନ୍-ରାଜ୍ୟ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା କାଏଲ୍ ଆନ୍ତର୍ଜାତିକ ଯୋଗ ଦିବସ୍ ପାଲନ୍ କରାଯିବା । ଇଥିର୍‌ଲାଗି ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନାଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଜ୍ୟସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ୍ ଭୁବ୍‌ନେଶ୍ୱର୍‌ର କଳିଙ୍ଗ ଷ୍ଟାଡ଼ିୟମ୍ ନ

ହେବା । ଇତାର୍‌ସହେତେ ଭିନ୍ ଭିନ୍ ଜିଲ୍ଲା ନ ଯୋଗ ଦିବସ୍ ପାଲନ୍ କରାଯିବା । ରାଜ୍ୟସ୍ତରୀୟ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍‌କେ ଥିବାର୍ ବେଲେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ସାଂସଦ୍ ଆର୍ ବିଧାୟକ୍‌ମାନେ ଯୋଗ୍ ଦେବେ ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ବିରୋଧୀ ଦଲ ନେତା            ଆର୍‌ଏନ୍‌ୟୁ / ସମ୍ବଲପୁର

ଆଘର୍ ମୁଖ୍ୟମନ୍ତ୍ରୀ ଆଉ ବିଜୁ ଜନତା ଦଲର୍ ସଭାପତି ନବୀନ୍ ପଟ୍ଟନାୟକ୍ ବିରୋଧୀ ଦଲ୍ ନେତା ଭାବେ ନିର୍ବାଚିତ୍ ହେଇଛନ୍ । ବିଜେଡ଼ି ବିଧାୟକ୍ ଦଲର୍ ବୈଠକ୍‌ଥି ଗଲାକାଏଲ୍ ସମ୍‌କର୍ ସହମତିଥି ଶ୍ରୀ ପଟ୍ଟନାୟକ୍‌ଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛେ । ଇତାର୍‌ସହେତେ ବିଜେଡ଼ିର୍ ବରିଷ୍ଠ ନେତା ଆର୍ ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଧାୟକ୍ ଦଲର୍ ଉପନେତା ଭାବେ ବଛାଯାଇଛେ । ସେନ୍ତା ବିଧାୟିକା ପ୍ରମିଳା ମଲ୍ଲିକ୍ ବିରୋଧୀ ଦଲର୍ ମୁଖ୍ୟ ସଚେତକ୍ ଆଉ ପ୍ରତାପ୍ କେଶରୀ ଦେବ ଉପ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ସମ୍ଭାଲାବେ ।

ୟୁଜିସି ନେଟ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଗଲା ମଙ୍ଗଲ୍‌ବାର୍ ଦିନ ହେଇଥିବା ୟୁଜିସି ନେଟ୍-୨୦୨୪ ପରୀକ୍ଷାକେ ବାତିଲ୍ କରାଯାଇଛେ ବଲି ନେସନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍‌ଟିଏ ତର୍‌ଫୁ କୁହାଯାଇଛେ । ସ୍ୱରାଷ୍ଟ୍ର ମନ୍ତ୍ରଣାଲୟର୍ ଭାରତୀୟ ସାଇବର୍ ଅପରାଧ୍ ସମନ୍ୱୟ କେନ୍ଦ୍ରର୍ ରାଷ୍ଟ୍ରୀୟ ଅପରାଧ୍ ବିପଦ ବିଶ୍ଲେଷଣ ଶାଖା ତର୍‌ଫୁ ୟୁଜିସି ନେଟ୍ ପରୀକ୍ଷାଥି ଅନିୟମିତତା ହେଇଥିବା ସୂଚ୍‌ନା ମିଲିଥିଲା । ଇ ସୂଚ୍‌ନାକେ ଆଧାର୍ କରିକରି ପରୀକ୍ଷାକେ ରଦ୍ଧ କର୍‌ବାର୍ ଲାଗି ଶିକ୍ଷା ମନ୍ତ୍ରଣାଲୟ ନିଷ୍ପତି ନେଇଛେ । ସେଆଡ଼େ ପରୀକ୍ଷାଥି ହେଇଥିବା ଅନିୟମିତାର୍ ତଦନ୍ତ୍ ଲାଗି ସିବିଆଇକେ ଦାୟିତ୍ୱ ଦିଆଯାଇଛେ । ଇତାର୍‌ସହେତେ ଆଉଥରେ ହେବାର୍‌କେ ଥିବା ୟୁଜିସି ନେଟ୍ -୨୦୨୪ ପରୀକ୍ଷାର୍ ତାରିଖ୍ ବାବ୍‌ଦେ ଆଏବା ଦିନେ ଘୋଷ୍‌ନା କରାଯିବା ବଲି କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୟୁଜିସି ନେଟ୍ ପରୀକ୍ଷା ଦେଶର୍ ୩ ଶହ ୧୭ ଟା ସହର୍ ନ ହେଇଥିଲା । ମୋଟ୍ ୧୨ ଶହ ୫ ଟା ପରୀକ୍ଷା କେନ୍ଦ୍ର ନ ୧୧ ଲାଖ୍ ୨୧ ହଜାର୍ ୨ ଶହ ୨୫ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

ଓଏସ୍‌ଏସ୍‌ଟିଇଟି -୨୦୨୩ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ସେକେଣ୍ଡେରୀ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓଏସ୍ଏସ୍ଟିଇଟି -୨୦୨୩ର ପପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ୪୫ ହଜାର୍ ଶହେ ୭୦ ଝନ୍ ଇ ପରୀକ୍ଷା ଦେଇଥିବାର୍ ବେଲେ ୨୯ ହଜାର୍ ଶହେ ୧୯ ଝନ୍ ପାସ୍ କରିଛନ୍ । ପରୀକ୍ଷାଥି ମୋଟ୍ ପାସ୍ ହାର ୬୪ ଦଶ୍ମିକ୍ ଶୂନ୍/୫ ପ୍ରତିଶତ୍ ରହିଛେ । ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବ୍ସାଇଟ୍ନୁ ଯାଇକରି ସେମାନ୍କର୍ ମାର୍କସିଟ୍ ଡାଉନ୍ଲୋଡ୍ କରିପାର୍ବେ ବଲି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ କୁହାଯାଇଛେ ।

ଦେବସ୍ନାନ ପୂର୍ଣ୍ଣିମା          ଆର୍ଏନ୍ୟୁ /ସମ୍ବଲପୁର

ଆଏବା ଶନିବାର୍ ଦିନ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଦେବସ୍ନାନ ପୂର୍ଣ୍ଣିମା ହେବା । ସେଥିର୍ଲାଗି ସେହିଦିନ ଭୋର୍ ସାଢ଼େ ୪ ବଜେନୁ ମଙ୍ଗଳାର୍ପଣ ସରିକରି ୫ ବଜେନୁ ପହଣ୍ଡି ମୁଲ୍ ହେବା ବଲି ସୂଚ୍ନା ମିଲିଛେ । ଗଲାକାଏଲ୍ ହେଇଥିବା ଶ୍ରୀମନ୍ଦିର୍ ପରିଚାଲନା କମିଟି ବୈଠକ୍ଥି ସ୍ନାନପୂର୍ଣ୍ଣିମା ନୀତିକାନ୍ତି ବାବ୍ଦେ ନିଷ୍ପତି ନିଆଯାଇଛେ । ନିଷ୍ପତି ଅନ୍ସାରେ ସଖାଲର୍ ୭ ବଜେ ପହଣ୍ଡି ସର୍ବାର୍ ଉତ୍ରୁ ୯ ବଜେ ମଙ୍ଗଳ ଆଲ୍ତୀ ହେବା ।

ଉପର୍‌ବେଲା ୩ ବଜେ ଛେରାପହଁରା ଆଉ ୩ ବାଜିକରି ୪୦ ମିନିଟ୍‌ଥି ମାହାପୁରୁଙ୍କର୍ ହାତୀ ବେଶ୍ କରାଯିବା । ସେନ୍ତା ଭକ୍ତମାନେ ସଞ୍ଝର୍ ସାଢ଼େ ୭ ବଜେନୁ ସାଢ଼େ ୧୦ ବଜେତକ୍ ମାହାପୁରୁଙ୍କର୍ ସାହାଣମେଲା ଦର୍ଶନ୍ କରିପାର୍‌ବେ ବଲି ସୂଚ୍‌ନା ମିଲିଛେ ।

ଅନ୍ତର୍ଜାତୀୟ ଯୋଗ ଦିବସ୍ ପ୍ରସ୍ତୁତି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଅନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ସୂଚାରୁ କୁମାର୍ ବଳ ଅଧ୍ୟକ୍ଷତା କରିଥିଲେ । ଇ ବୈଠକ୍‌ଥି ଯୋଗ ଦିବସ୍‌ଥି ସଚେତନତା ଆଉ ଅଂଶଗ୍ରହଣ୍, ଇଭେଂଟ୍ ପ୍ରସ୍ତୁତି ଆଉ ପରିଚାଳନା ବାବ୍‌ଦେ ଆଲୋଚନା ହେଇଥିଲା ।